ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
(ସୂଚନା ଓ ଲୋକ ସଂପର୍କ ବିଭାଗ)

## ପ୍ରେସ ନୋଟ୍

କୋରାପୁଟ ତା. ୨୭.୦୭.୨୦୧୯ ରିଖ ଦିନ ସ୍ଥାନୀୟ ସଦ୍‌ଭାବନା ସଭାଗୃହ, କୋରାପୁଟ ଠାରେ ଚଳିତ ମାସର ଚତୁର୍ଥ ଶନିବାର ଦିନ ପ୍ରଥମଥର ପାଇଁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାସ୍ତରିୟ 5T ଯଥା- Time, Transperency, Team work, Technology, Transformation ଉପରେ ଜିଲ୍ଲାର ସମସ୍ତ ବିଭଗିୟ ମୁଖ୍ୟ ମାନଙ୍କ ସହ ଜିଲ୍ଲାପାଳ ପୁଂଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଅଧିକାରୀ ସେମାନଙ୍କ ବିଭାଗର କାର୍ଯ୍ୟଗୁଡିକ କିପରି ଉକ୍ତ 5T ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ କିପରି ଜନସାଧାରଣନଙ୍କ ନିକଟରେ ପହଞ୍ଚିପାରିବ ଓ ସେମାନେ କିପରି ବିଭିନ୍ନ ଜନହିତକାରୀ ଯୋଜନା ଗୁଡିକରୁ ସୁଫଳ ପାଇପାରିବେ ତା ଉପରେ ଜିଲ୍ଲାପାଳ ଡଃ ପୋମାଟୁଡୁ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ବିଶେଷ କରି ଗ୍ରାମାଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, କୃଷି, ସାଧାରଣ ବଣ୍ଟନ , ସାମାଜିକ ସୁରକ୍ଷା, ଜଳସେଚନ, ଅନୁସୁଚୀତ ଜାତି ଓ ଜନଜାତି କଲ୍ୟାଣ, ପଶୁସଂପଦ ଆଦି ବିଷୟ ଉପରେ ଆଲୋଚନା ହୋଇଥିଲା ଓ ସମସ୍ତ ବିଭାଗୀୟ କାର୍ଯ୍ୟ କିପରି ଲୋକାଭିମୁଖୀ ହୋଇପାରିବ ତା ଉପରେ ଗୁରୁତ୍ୱାରୋପ କରିଥିଲେ । ପରୀକ୍ଷାମୁଳକ ଭାବେ ସୁନାବେଡା ଡାକ୍ତରଖାନରେ ରୋଗୀ ମାନଙ୍କ ପ୍ରବେଶ ହେବା ଠାରୁ ଡାକ୍ତରଙ୍କ ଦ୍ୱାରା ପରିକ୍ଷିତ ହେବା, ପରୀକ୍ଷାଗାରରେ ନମୁନା ପରୀକ୍ଷା କରାଇବା, ଔଷଧ ପ୍ରଦାନ କରାଯିବା ଇତ୍ୟାଦି ଡିଜିଟାଲ ମାଧ୍ୟମରେ ପ୍ରଦର୍ଶନ କରାଯିବ । ପ୍ରତ୍ୟକ ମାସ ୧୬ ତାରିଖରେ ତହସିଲଦାର, ବି.ଡି.ଓ, ଥାନାଅଧିକାରୀ, ମେଡିକାଲ ଅଫିସର ଓ ସି.ଡି.ପି.ଓ ପ୍ରମୁଖ ନିଜ ନିଜ ସ୍ତରରେ ବୈଠକ କରି ବିଭିନ ସମସ୍ୟାର ସମାଧାନ କରିବା ସହ ଏହାର ବିବରଣୀ ପ୍ରେରଣ କରିବେ । ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ଠିକ୍ ସମୟରେ ପାରିଶ୍ରମିକ ପ୍ରଦାନ ଏବଂ ଅବସରଗ୍ରହଣ କରୁଥିବା ଶିକ୍ଷକ ମାନଙ୍କୁ ପ୍ରୋଭିଜିନାଲ ପେନସନ୍ ଉକ୍ତଦିନ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦେବେନ କୁମାର ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୋରାପୁଟ ମହେଶ୍ୱର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦଧିବାମନ ତ୍ରିପାଠୀ, ଉପ ଜିଲ୍ଲାପାଳ ଲଳିତ କୁମାର କହଁର, ପ୍ରକଳ୍ପ ପ୍ରଶାସକ, ସମନ୍ୱୀତ ଆଦିବାସୀ ଉନ୍ନୟନ ସଂସ୍ଥା କାରୁ ସୋରେନ, ଜିଲ୍ଲା ଶିକ୍ଷା ଅଧିକାରୀ, କୋରାପୁଟ ପ୍ରମୋଦ କୁମାର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରଧାନ ଟୁଲି ଆମ୍ମାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲାପାଳ ସମସ୍ତ ଜିଲ୍ଲାସ୍ତରୀୟ ବିଭଗୀୟ ମୁଖ୍ୟଙ୍କୁ ଉକ୍ତ 5T କିପରି ସଠିକ୍ ସମୟରେ କାର୍ଯ୍ୟକାରି ହୋଇପାରିବ ନିର୍ଦ୍ଦେଶ ଦେଇଥିଲେ । ଏହି 5T ବୈଠକ ପ୍ରତ୍ୟେକ ମାସର ଚତୁର୍ଥ ଶନିବାର ଦିନ ବସିବ ଓ ପୂର୍ବ ମାସ ମାନଙ୍କରେ କି କି ପଦକ୍ଷେପ ନିଆଯାଇଛି ତା ଉପରେ ଆଲୋଚନା ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ବୈଠକ ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଦେବେନ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ , କୋରାପୁଟ

ପରିପତ୍ର ସଂଖ୍ୟା -୩୦୬/ସୂଲୋକା/୨୦୧୯. ତା. ୨୭.୦୭.୨୦୧୯

ଏହାର ଏକକିତା ନକଲ ସ୍ଥାନୀୟ ସମସ୍ତ ସାମ୍ବାଦିକଙ୍କ ଅବଗତି ତଥା ସଂପୃକ୍ତ ଖବର କାଗଜରେ ବିହିତ ପ୍ରକାଶନ ନିମନ୍ତେ ଅନୁରୋଧ ସହ ପ୍ରେରଣ କରାଗଲା ।

ପ୍ର. ଟୁଲି ଆମ୍ମା
ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧୀକାରୀ, କୋରାପୁଟ

Scanned by CamScanner

# ୫-ଟି ପାଳିବାକୁ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ



କୋରାପୁଟ,୨୭/୭(ଇମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ଟିକୁ ଗୁରୁତ୍ୱ ଦେଇଥିଲା ବେଳେ ଜିଲ୍ଲାସ୍ତରରେ ଏହାକୁ କାର୍ଯ୍ୟକାରୀ କରିବା ଉପରେ କୋରାପୁଟ ଜିଲ୍ଲାପାଳ ଡା. ପୋମା ଟୁଡୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଏ ସଂପର୍କରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ନେଇ ସ୍ଥାନୀୟ ସଦଭାବନା ସଭାଗୃହରେ ଏକ ବୈଠକ କରିବା ସହ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବା ଉପରେ ଫୋକସ କରିଛନ୍ତି।

ରାଜ୍ୟ ସରକାର ୫ଟି ଉପରେ ଗୁରୁତ୍ୱ ଦେଉଛନ୍ତି। ସରକାରୀ କାର୍ଯ୍ୟରେ ସମୟ, ସ୍ୱଚ୍ଛତା, ଦଳଗତ କାର୍ଯ୍ୟ, ଜ୍ଞାନ କୌଶଳ ଓ ରୂପାନ୍ତରକୁ ଧ୍ୟାନରେ ରଖି କାମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ବୈଠକ କରାଯାଇଥିଲା। ଜିଲ୍ଲାପାଳ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଏଥିନେଇ ସବିଶେଷ ଆଲୋଚନା କରିଥିଲେ। ଅଧିକାରୀମାନେ ସେମାନଙ୍କ ବିଭାଗୀୟ କାର୍ଯ୍ୟରେ ଏହି ୫ଟିକୁ ବ୍ୟବହାର କରି ବିଭିନ୍ନ ଯୋଜନା ଗୁଡିକର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଜିଲ୍ଲାପାଳ କହିଥିଲେ। ବିଶେଷକରି ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, କୃଷି, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା, ଜଳସେଚନ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା। ପ୍ରତି ମାସ ୧୬ ତାରିଖରେ ବିଡିଓ, ତହସିଲଦାର, ଥାନା ଅଧିକାରୀ, ମେଡିକାଲ ଅଫିସର, ସିଡିପିଓମାନେ ନିଜ ନିଜ ସ୍ତରରେ ବୈଠକ କରି ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ଏହାର ବିବରଣି ଜିଲ୍ଲା ପ୍ରଶାସନ ପାଖକୁ ପଠାଇବେ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକ ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଦେବେନ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଡିଆରଡିଏ ପିଡି ମହେଶ୍ୱର ନାୟକ, ଉପଜିଲ୍ଲାପାଳ ଲଳିତ କୁମାର କହଁର, ସିଡିଏମଓ ଡା. ଦଧିବାମନ ତ୍ରିପାଠୀ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କାରୁ ସୋରେନ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରଧାନ ଟୁଲି ଆମ୍ବା ପ୍ରମୁଖ ଉପସ୍ଥିତ ଥିଲେ। ଏହି ୫ଟି ବୈଠକ ପ୍ରତି ମାସ ଚତୁର୍ଥ ସୋମବାର କରାଯିବା ସହ ପୂର୍ବ ମାସଗୁଡିକରେ କ'ଣ ପଦକ୍ଷେପ ନିଆଯାଇଛି ତା' ଉପରେ ଆଲୋଚନା ହେବ ବୋଲି ଜିଲ୍ଲାପାଳ କହିଛନ୍ତି।

## ଜିଲ୍ଲାସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଫର୍ମୁଲା କହିଲେ ଜିଲ୍ଲାପାଳ

# ୫ 'ଟି'ରେ ଯୋଜନା ସଫଳ କରିବେ ଅଧିକାରୀ

କୋରାପୁଟ,୨୭।୭(ସ୍ୱ.ପ୍ର.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ 'ଟି' ଭାବେ ଟାଇମ, ଟ୍ରାନ୍ସପରେନ୍ସି, ଟିମ ୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସଫର୍ମେସନ ଉପରେ ଯେଉଁ ସଫଳତାର ସୂତ୍ର ଦେଇଥିଲେ, ତାହାକୁ କାର୍ଯ୍ୟକାରୀ କରି ଜିଲ୍ଲାର ଅଧିକାରୀମାନେ ସରକାରୀ ଯୋଜନା ସଫଳ କରନ୍ତୁ। କୋରାପୁଟସ୍ଥିତ ସଦ୍ଭାବନା ସଭାଗୃହରେ ଶନିବାର ପ୍ରଥମକରି ନୂତନ ଜିଲ୍ଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ଏହାରି ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ୫ 'ଟି' ଜରିଆରେ ସରକାରୀ ଯୋଜନା ଜନସାଧାରଣଙ୍କ ପାଖରେ ପହଞ୍ଚିବା ଓ ସେମାନେ ଏହାର ସୁଫଳ ପାଇବା ନେଇ ଜିଲ୍ଲାପାଳ ବିସ୍ତୃତ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, କୃଷି, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା, ଜଳସେଚନ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ପଶୁ ସମ୍ପଦ ବିଷୟରେ ସମୀକ୍ଷା କରାଯାଇଥିଲା। ପ୍ରତ୍ୟେକ ମାସର ୧୬ ତାରିଖରେ ସମସ୍ତ ତହସିଲଦାର, ବିଡିଓ, ଥାନା, ମେଡିକାଲ ଅଧିକାରୀ, ସିଡିପିଓ ନିଜ ସ୍ତରରେ ବୈଠକ କରି ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ଏହାର ବିସ୍ତୃତ ରିର୍ପୋଟ ଜିଲ୍ଲା ପ୍ରଶାସନକୁ ଦେବା ପାଇଁ କୁହାଯାଇଥିଲା। ଠିକା ଶିକ୍ଷକଙ୍କୁ ଠିକ୍ ସମୟରେ ପାରିଶ୍ରମିକ ପ୍ରଦାନ, ଅବସର ଗ୍ରହଣ କରୁଥିବା ଶିକ୍ଷକଙ୍କୁ ପ୍ରୋଭିଜନାଲ ପେନସନ ସେହିଦିନ ହିଁ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦେବେନ ପ୍ରଧାନ, ଡିଆରଡିଏ ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକ, କୋରାପୁଟ ଉପଜିଲ୍ଲାପାଳ ଲଳିତ କହଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦଧିବାମନ ତ୍ରିପାଠୀ, କୋରାପୁଟ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କାନ୍ଥୁ ସୋରେନ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଧାନ ଟୁଡି ଆମ୍ବା ସାମିଲ ଥିଲେ।



ବୈଠକରେ ଜିଲ୍ଲାପାଳ ପୋମା ଟୁଡୁଙ୍କ ସହ ଅନ୍ୟ ଅଧିକାରୀମାନେ।


Plan of Action
for
Implementation
of 5Ts in
other Key Areas
MOBILES BE
KINDLY SWITCHED
OFF/ MUTED






OILET


MOBILES BE
KINDLY SWITCHED
OFF / MUTED


MOBILES BE
KINDLY SWITCHED
OFF / MUTED


Plan of Action
for
Implementation
of 5Ts in
other Key Areas
MOBILES BE
KINDLY SWITCHED
OFF/ MUTED